ଭାରତ ସଂଘ ଏବଂ ଅନ୍ୟମାନେ

ବନାମ

କେ. ସାବିତ୍ରୀ ଏବଂ ଅନ୍ୟମାନେ ।

ମାର୍ଚ୍ଚ 4 ,1998

[ଏସ୍. ସାଗିର ଅହମ୍ମଦ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*କେନ୍ଦ୍ରୀୟ ବେସାମରିକ ସେବା (ବଳକା କର୍ମଚାରୀଙ୍କ ପୁନଃନିଯୁକ୍ତି) ନିୟମାବଳୀ, 1990 / ଆକାଶବାଣୀ (ତୃତୀୟ ଶ୍ରେଣୀ ପଦ) ନିଯୁକ୍ତି ନିୟମାବଳୀ, 1964-ନିୟମାବଳୀ 2(F), 2(G), 9 ଏବଂ ସରକାରୀ ନିର୍ଦ୍ଦେଶାବଳୀ - ପାରା 11.1 - କର୍ମଚାରୀ – ବଳକା ପ୍ରଦାନ - ପୁନଃନିଯୁକ୍ତି - ମୂଳ ସଂଗଠନରେ ଅତୀତର ସେବା - ବରିଷ୍ଠତା ଏବଂ ପଦୋନ୍ନତି ଉଦ୍ଦେଶ୍ୟରେ ବିଚାରକୁ ନିଆଯାଇନାହିଁ - କୁହାଗଲା, ପୁନଃନିଯୁକ୍ତ କର୍ମଚାରୀଙ୍କ ଅତୀତ ସେବା ନୂତନ ସଂଗଠନରେ ବରିଷ୍ଠତା ପାଇଁ ଗଣନା କରାଯାଇପାରିବ ନାହିଁ ।*

**ଉତ୍ତରଦାତାମାନେ ପ୍ରଥମେ ପୁନଃ ଥଇଥାନ ଏବଂ ପୁନରୁଦ୍ଧାର ସଂଗଠନ ସହିତ ନିଯୁକ୍ତ ହୋଇଥିଲେ । ଯେହେତୁ ସେମାନେ ମୂଳ ସଂଗଠନରେ ବଳକା ହୋଇଗଲେ, ସେମାନେ ଆକାଶବାଣୀରେ ନିଯୁକ୍ତ ହୋଇଥିଲେ । ନୂତନ ସଂଗଠନରେ ପଦୋନ୍ନତି ପାଇଁ ପ୍ରତିବାଦୀମାନଙ୍କ ଅତୀତ ସେବା ଏବଂ ଅଭିଜ୍ଞତାକୁ ଧ୍ୟାନରେ ରଖାଯାଇ ନଥିଲା । ଉତ୍ତରଦାତାମାନେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ ସମ୍ମୁଖରେ ଆବେଦନକୁ ଚୟନ କରିଥିଲେ, ଯିଏ ଦାବିକୁ ଅନୁମତି ପ୍ରଦାନ କରିଥିଲେ । ଭାରତ ସଂଘର ସମୀକ୍ଷା ଆବେଦନଗୁଡ଼ିକୁ ଖାରଜ କରିଦିଆଯାଇଥିଲା । ତେଣୁ ଭାରତ ସଂଘ ଦ୍ୱାରା ବର୍ତ୍ତମାନର ଆବେଦନଟି ।**

**ଆବେଦନକାରୀ-ଭାରତ ସଂଘର ଯୁକ୍ତି ଥିଲା ଯେ ନିୟମାବଳୀର ବ୍ୟବସ୍ଥାନୁଯାୟୀ ପୁନଃନିଯୁକ୍ତି ପରେ ଜଣେ କର୍ମଚାରୀ ପୁନଃନିଯୁକ୍ତି ପୂର୍ବରୁ ପ୍ରଦାନ କରାଯାଇଥିବା ତାଙ୍କର ପୂର୍ବ ସେବାର ଲାଭ ପୁନଃନିଯୁକ୍ତ ସଂଗଠନରେ ବରିଷ୍ଠତା ଉଦ୍ଦେଶ୍ୟରେ କିମ୍ବା ଏପରିକି ପଦୋନ୍ନତି ପାଇଁ ଅଭିଜ୍ଞତାସ୍ୱରୂପ ନେବାକୁ ହକଦାର ନୁହଁନ୍ତି ।**

**ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ**

**କହିଲେ: 1.1. ପୁନଃନିଯୁକ୍ତ କର୍ମଚାରୀଙ୍କ ଅତୀତର ସେବାକୁ ନୂତନ ସଂଗଠନରେ ବରିଷ୍ଠତା ପାଇଁ ଗଣନା କରାଯାଇପାରିବ ନାହିଁ । ତେଣୁ ନ୍ୟାୟାଧିକରଣ ନିର୍ଦ୍ଦେଶ ଦେବାରେ ଗୁରୁତର ତ୍ରୁଟି କରିଥିଲା ଯେ କର୍ମଚାରୀଙ୍କ ଅତୀତ**

**ସେବାକୁ ଆକାଶବାଣୀରେ ପଦୋନ୍ନତି ପାଇଁ ବରିଷ୍ଠତା ଏବଂ ଅଭିଜ୍ଞତାର ଲାଭ ପ୍ରଦାନ କରିବା ପାଇଁ ଗଣନା କରାଯିବା ଉଚିତ ।**

**1.2. ପୁନଃନିଯୁକ୍ତ କର୍ମଚାରୀଙ୍କ ସେବା ସର୍ତ୍ତାବଳୀ କେନ୍ଦ୍ରୀୟ ବେସାମରିକ ସେବା (ବଳକା କର୍ମଚାରୀଙ୍କ ପୁନଃନିଯୁକ୍ତି) ନିୟମାବଳୀ 1990 ର ବ୍ୟବସ୍ଥା ତଥା ସମୟ ସମୟରେ ଭାରତ ସରକାରଙ୍କ ଦ୍ୱାରା ଜାରି ନିର୍ଦ୍ଦେଶାବଳୀ ଦ୍ୱାରା ପରିଚାଳିତ । ନିୟମାନୁଯାୟୀ ପୁନଃନିଯୁକ୍ତ ହେବାପରେ ବଳକା କର୍ମଚାରୀଙ୍କୁ ସେମାନଙ୍କ ପୂର୍ବ ସେବାର ଲାଭ କିପରି ଏବଂ କେତେ ପରିମାଣରେ ଦିଆଯାଇପାରିବ ତାହା ସୂଚିତ କରି ନିୟମାବଳୀର ନିୟମ 9 ଅଧୀନସ୍ଥ କ୍ଷମତା ପ୍ରୟୋଗ କରି, ଭାରତ ସରକାର ସଂଶୋଧିତ ଯୋଜନା ଜାରି କରିଛନ୍ତି । ସଂଶୋଧିତ ଯୋଜନାର ପାରା 11 ରେ ପୁନଃନିଯୁକ୍ତି ପରେ ଅତୀତର ସେବାର ଲାଭ ବିଷୟରେ ଆଲୋଚନା କରାଯାଇଛି । ପାରା 11.1 ରେ ସ୍ପଷ୍ଟଭାବେ କୁହାଯାଇଛି ଯେ ପୁନଃନିଯୁକ୍ତି ପୂର୍ବରୁ ପ୍ରଦାନ କରାଯାଇଥିବା ଅତୀତର ସେବାକୁ ନୂତନ ସଙ୍ଗଠନରେ ବରିଷ୍ଠତା ଭାବେ ଗଣନା କରାଯିବା ଉଚିତ ନୁହେଁ ।**

**2. ଆକାଶବାଣୀରେ ବିଭିନ୍ନ ପଦ ପାଇଁ ନିଯୁକ୍ତି ନିୟମାବଳୀ ଅନୁଯାୟୀ, ଯାହାକୁ ଆକାଶବାଣୀ (ତୃତୀୟ ଶ୍ରେଣୀ ପଦ) ନିଯୁକ୍ତି ନିୟମାବଳୀ, 1964 କୁହାଯାଏ, ସମୟ ସମୟରେ ସଂଶୋଧିତ, ମୁଖ୍ୟ କିରାଣୀ ପଦଟି ପାଇଁ ବିଭାଗୀୟ ଯୋଗ୍ୟତା ପରୀକ୍ଷା ଆଧାରରେ ପଦକ୍ରମରେ ସର୍ବନିମ୍ନ ପାଞ୍ଚ ବର୍ଷର ସେବା ସହିତ କିରାଣୀ ପଦକ୍ରମ II / କିରାଣୀ ପଦକ୍ରମ I /କ୍ଷିପ୍ର ଲେଖକଙ୍କ ମଧ୍ୟରୁ 50 ପ୍ରତିଶତ ପର୍ଯ୍ୟନ୍ତ ପଦୋନ୍ନତି ଦ୍ୱାରା ପୂରଣ କରାଯାଇଥାଏ ଏବଂ ପଦୋନ୍ନତିର ମାନଦଣ୍ଡ ହେଉଛି ବରିଷ୍ଠତା-ତଥା-ଉପଯୁକ୍ତତା । ତେଣୁ, ଯେହେତୁ ପୁନଃନିଯୁକ୍ତ ବଳକା କର୍ମଚାରୀଙ୍କ ଅତୀତର ସେବାକୁ ନୂତନ ସଙ୍ଗଠନରେ ବରିଷ୍ଠତା ପାଇଁ ଗଣନା କରାଯାଇପାରିବ ନାହିଁ, ସେହିପରି ଅତୀତର ଅଭିଜ୍ଞତାକୁ ମଧ୍ୟ ଗଣନା କରାଯିବ ନାହିଁ କାରଣ ପ୍ରଦାନ କରାଯାଇଥିବା ତଥାକଥିତ ଅତୀତର ସେବା ଶ୍ରେଣୀରେ ସେବାସ୍ୱରୂପ ହେବ ନାହିଁ । ସେହିଭଳି କିରାଣୀ ପଦକ୍ରମ-I କୁ ପଦୋନ୍ନତି ପାଇଁ, ଯାହା କିରାଣୀ ପଦକ୍ରମ-II ରୁ ବରିଷ୍ଠତା-ତଥା-ଉପଯୁକ୍ତତା ଆଧାରରେ କରାଯାଏ, ପଦୋନ୍ନତି ପାଇଁ ବିଚାର କରାଯିବା ପାଇଁ ପଦକ୍ରମରେ ପାଞ୍ଚ ବର୍ଷର ସେବା ଆବଶ୍ୟକ । ତେଣୁ ପଦୋନ୍ନତି ପାଇଁ ଯୋଗ୍ୟ ହେବା ପାଇଁ ନିୟମାବଳୀ ଅନୁଯାୟୀ ପୁନଃନିଯୁକ୍ତ ହେବା ପରେ ଜଣେ କର୍ମଚାରୀଙ୍କ ଆକାଶବାଣୀର କିରାଣୀ ପଦକ୍ରମ II ରେ ପାଞ୍ଚ ବର୍ଷର ଅଭିଜ୍ଞତା ରହିବା ଆବଶ୍ୟକ ।**

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 6201-06 / 1995 ।

କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ କଟକର O. A. ସଂଖ୍ୟା 160-161 ଏବଂ 163 / 1993 ରେ ପାରିତ ତା 27.5.94 ରିଖ ରାୟ ତଥା ଆଦେଶରୁ ।

ଆବେଦନକାରୀଙ୍କ ତରଫରୁ ଏନ୍. ଗୋସ୍ୱାମୀ, ଏସ୍. କେ. ଦ୍ୱିବେଦୀ, ଅଶୋକ କେ. ଶ୍ରୀବାସ୍ତବ ଏବଂ ବି. କେ. ପ୍ରସାଦ ।

**ନ୍ୟାୟମୂର୍ତ୍ତି ପଟ୍ଟନାୟକ** ନ୍ୟାୟାଳୟର ରାୟ ପ୍ରଦାନ କରିଥିଲେ ।

ମୂଳ ଆବେଦନ ସଂଖ୍ୟା 160,161 ଏବଂ 163 / 1993 ରେ ପାରିତ ହୋଇଥିବା କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ, କଟକ ବିଚାରପୀଠଙ୍କର, ତା 27.5.1994 ରିଖ ଏବଂ ତା 27.10.1994 ରିଖର ଆଦେଶ ବିରୁଦ୍ଧରେ ଏହି ଆବେଦନଗୁଡିକ ନିର୍ଦ୍ଦେଶିତ । ଏହା କୁହାଯାଇପାରେ ଯେ ଭାରତ ସଂଘ ସମୀକ୍ଷା ପାଇଁ ଆବେଦନଗୁଡ଼ିକୁ ଚୟନ କରିଥିଲା, କିନ୍ତୁ ନ୍ୟାୟାଧିକରଣ ସେହି ସମୀକ୍ଷା ଆବେଦନଗୁଡ଼ିକୁ ତା 27.10.1994 ରିଖର ଆଦେଶ ଦ୍ୱାରା ଖାରଜ କରି କହିଥିଲେ ଯେ ନଥିରେ କୌଣସି ତ୍ରୁଟି ସ୍ପଷ୍ଟ ନୁହେଁ ।

କେନ୍ଦ୍ରୀୟ ବେସାମରିକ ସେବା (ବଳକା କର୍ମଚାରୀଙ୍କ ପୁନଃନିଯୁକ୍ତି) ନିୟମାବଳୀ, 1990 (ଏହା ପରେ 'ନିୟମାବଳୀ' ଭାବରେ ସୂଚିତ) ର ବ୍ୟବସ୍ଥା ଅନୁଯାୟୀ ପୁନଃନିଯୁକ୍ତ ହେବାପରେ ବଳକା କର୍ମଚାରୀ ମୂଳ ବିଭାଗରେ ବଳକା କରାଯାଇଛି କି ନାହିଁ, ପୁନଃନିଯୁକ୍ତ ସଂଗଠନରେ ବରିଷ୍ଠତା କିମ୍ବା ଅଭିଜ୍ଞତା ଉଦ୍ଦେଶ୍ୟରେ ସେମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅତୀତର ସେବାର ଗଣନାର ଲାଭ ଦାବି କରିପାରିବେ କି ନାହିଁ ଏହିସବୁ ଆବେଦନଗୁଡ଼ିକରେ ବିଚାରାର୍ଥେ ପ୍ରଶ୍ନ  ଅଟେ ।

ସଂକ୍ଷିପ୍ତ ତଥ୍ୟ ହେଉଛି ଉତ୍ତରଦାତାମାନେ ପୁନଃ ଥଇଥାନ ଏବଂ ପୁନରୁଦ୍ଧାର ସଂଗଠନର କାର୍ଯ୍ୟାଳୟରେ କର୍ମଚାରୀ ଥିଲେ ଯେଉଁମାନେ ଫେବୃୟାରୀ 1987 ରେ ଉକ୍ତ ସଂଗଠନରେ ଯୋଗ ଦେଇଥିଲେ । ସେମାନେ ମୂଳ ସଂଗଠନରେ ବଳକା ହୋଇଗଲେ ଏବଂ ତା'ପରେ ନିୟମାବଳୀର ବ୍ୟବସ୍ଥାନୁଯାୟୀ ବିଭିନ୍ନ ତାରିଖରେ ଆକାଶବାଣୀରେ ନିଯୁକ୍ତ ହୋଇଥିଲେ । ଆକାଶବାଣୀରେ କର୍ମଚାରୀଙ୍କ ବରିଷ୍ଠତା ତାଲିକା ପ୍ରସ୍ତୁତ କରିବାରେ ଯେହେତୁ ସେମାନଙ୍କର ଅତୀତ ସେବାକୁ ଧ୍ୟାନରେ ରଖାଯାଇନଥିଲା ଏବଂ ମୂଳ ସଂଗଠନରେ ସେମାନଙ୍କର ଅଭିଜ୍ଞତାକୁ ଆକାଶବାଣୀରେ ପଦୋନ୍ନତି ପାଇଁ ଆବଶ୍ୟକ ଅଭିଜ୍ଞତା ଭାବରେ ଗ୍ରହଣ କରାଯାଇନଥିଲା, ସେମାନେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣକୁ ଯାଇ ବିଭିନ୍ନ ଓ.ଏ.ମାନ ଦାୟର କରିଥିଲେ । ପ୍ରଶାସନିକ ନ୍ୟାୟାଧିକରଣ ସେହି ଓ.ଏ.ଗୁଡ଼ିକୁ ଅନୁମତି ପ୍ରଦାନ କରିବା ସହିତ ମୂଳ ସଂଗଠନରେ ପ୍ରଦାନ କରାଯାଇଥିବା ଅତୀତର ସେବା ବରିଷ୍ଠତା ତଥା ଅଭିଜ୍ଞତା ଉଦ୍ଦେଶ୍ୟରେ ଗଣନା କରାଯିବ, ବୋଲି ରାୟ ଦେଇଥିବାରୁ ଭାରତ ସଂଘ ଆବେଦନ କରିଛି ।

ଯଦିଓ ଉତ୍ତରଦାତାମାନଙ୍କୁ ବିଧିବଦ୍ଧ ଭାବେ ନୋଟିସ ଜାରି କରାଯାଇଛି, କିନ୍ତୁ ସେମାନଙ୍କ ମଧ୍ୟରୁ କେହି ଉପସ୍ଥିତି ହୋଇନାହାଁନ୍ତି । କିନ୍ତୁ କେତେକ ପ୍ରତିବାଦୀ ଏହି ନ୍ୟାୟାଳୟକୁ ସେମାନଙ୍କର ଉପସ୍ଥାପନଗୁଡ଼ିକ ପଠାଇଛନ୍ତି ଯାହା ନଥିରେ ଅଛି, ଏବଂ ତେଣୁ ଆମେ ସେହି ଉପସ୍ଥାପନଗୁଡ଼ିକୁ ଅନୁଧ୍ୟାନ କରିଛୁ ।

ଆବେଦନକାରୀ- ଭାରତ ସଂଘ ପକ୍ଷରୁ ହାଜର ଶ୍ରୀମାନ ବରିଷ୍ଠ ଅଧିବକ୍ତା ଶ୍ରୀ ଏନ୍.  ଗୋସ୍ୱାମୀ ଦର୍ଶାଇଛନ୍ତି ଯେ ନିୟମାବଳୀ ଅନୁଯାୟୀ ଜଣେ କର୍ମଚାରୀ ପୁନଃନିଯୁକ୍ତି ପରେ ଉକ୍ତ ନିୟମାବଳୀରେ ବିନିର୍ଦ୍ଦିଷ୍ଟ ବ୍ୟବସ୍ଥାର ପରିଣାମସ୍ୱରୂପ ବରିଷ୍ଠତା ଉଦ୍ଦେଶ୍ୟରେ କିମ୍ବା ଏପରିକି ପୁନଃନିଯୁକ୍ତ ସଂଗଠନରେ ପଦୋନ୍ନତି ପାଇଁ ଅଭିଜ୍ଞତା ଭାବରେ ପୁନଃନିଯୁକ୍ତି ପୂର୍ବରୁ ପ୍ରଦାନ କରାଯାଇଥିବା ତାଙ୍କର ପୂର୍ବ ସେବାର ଲାଭ ନେବାକୁ ହକଦାର ନୁହଁନ୍ତି । ତେଣୁ ଅତୀତ ସେବାଗୁଡ଼ିକୁ ଧ୍ୟାନରେ ରଖିବା ଉଚିତ ବୋଲି ନିର୍ଦ୍ଦେଶ ଦେବାରେ ନ୍ୟାୟାଧିକରଣ ଗୁରୁତର ତ୍ରୁଟି କରିଥିଲା । ଉପରୋକ୍ତ

ଯୁକ୍ତିଗୁଡ଼ିକରେ ଆମ୍ଭେ ଯଥେଷ୍ଟ ଦମ୍ଭ ପାଉଛୁ । କେନ୍ଦ୍ରୀୟ ବେସାମରିକ ସେବା ଏବଂ ରିକ୍ତ ପଦଗୁଡ଼ିକରେ ବଳକା କର୍ମଚାରୀଙ୍କ ପୁନଃନିଯୁକ୍ତି ଏବଂ ପୁନଃବ୍ୟବସ୍ଥାପନକୁ ନିୟନ୍ତ୍ରଣ କରିବା ପାଇଁ ସମ୍ବିଧାନର ଧାରା 309 ର ପ୍ରାବଧାନ ଦ୍ୱାରା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ଭାରତର ରାଷ୍ଟ୍ରପତି ଏହି ନିୟମାବଳୀ ପ୍ରଣୟନ କରିଥିଲେ । ନିୟମ 2(f) ରେ 'ପୁନଃନିଯୁକ୍ତି' ଅଭିବ୍ୟକ୍ତିର ବ୍ୟାଖ୍ୟା କରାଯାଇଛି, ଏହିପରି:

"2(f) 'ପୁନଃନିଯୁକ୍ତି' ର ଅର୍ଥ ହେଉଛି ଏହି ନିୟମାବଳୀ ଅନୁଯାୟୀ କେନ୍ଦ୍ରୀୟ ବେସାମରିକ ସେବା କିମ୍ବା ରିକ୍ତ ପଦରେ ଜଣେ ବଳକା କର୍ମଚାରୀଙ୍କ ନିଯୁକ୍ତି ।

ନିୟମ 2(g) ରେ 'ବଳକା ଅଧିନସ୍ତ କର୍ମଚାରୀ' ଏବଂ 'ବଳକା କର୍ମଚାରୀ' ଅଭିବ୍ୟକ୍ତିଟିକୁ ଏହିପରି ବ୍ୟାଖ୍ୟା କରାଯାଇଛି:

"2(g) 'ବଳକା ଅଧିନସ୍ତ କର୍ମଚାରୀ'' ଏବଂ 'ବଳକା କର୍ମଚାରୀ କିମ୍ବା କର୍ମଚାରୀବୃନ୍ଦ' ଅର୍ଥ ହେଉଛି କେନ୍ଦ୍ରୀୟ ବେସାମରିକ କର୍ମଚାରୀ (କାମଚଳା, ସାମୟିକ, କାର୍ଯ୍ୟ-ଭାରିତ କିମ୍ବା ଚୁକ୍ତି ଭିତ୍ତିରେ ନିଯୁକ୍ତ ବ୍ୟକ୍ତିମାନଙ୍କ ବ୍ୟତୀତ) ଯେଉଁମାନେ -

(କ) ସ୍ଥାୟୀ, କିମ୍ବା, ଯଦି ଅସ୍ଥାୟୀ, ଅନ୍ୟୁନ୍ୟ ପାଞ୍ଚ ବର୍ଷରୁ ଅଧିକ ନିୟମିତ ସେବା ପ୍ରଦାନ କରିଛନ୍ତି; ଏବଂ

(ଖ) ଭାରତ ସରକାରଙ୍କ ମନ୍ତ୍ରଣାଳୟ ବିଭାଗ, କାର୍ଯ୍ୟାଳୟଗୁଡ଼ିକରୁ ସେମାନଙ୍କ ପଦ ସମେତ ବଳକା କରାଯାଇଛନ୍ତି, ଏହି ଫଳସ୍ୱରୂପ -

(1) ପ୍ରଶାସନିକ ଏବଂ ଆର୍ଥିକ ସଂସ୍କାର, ଏହାଛଡା, ଅନ୍ୟ ବିଷୟଗୁଡ଼ିକ ମଧ୍ୟରେ, କୌଣସି ସଂସ୍ଥାର ପୁନର୍ଗଠନ, ଶୂନ୍ୟ ଆଧାର ବଜେଟ, ରାଜ୍ୟ ସରକାରଙ୍କୁ, ସରକାରୀ ଶିଳ୍ପ ଉଦ୍ୟୋଗକୁ କିମ୍ବା ଅନ୍ୟ ସ୍ୱୟଂଶାସିତ ସଂଗଠନକୁ କୌଣସି କାର୍ଯ୍ୟକୁ ହସ୍ତାନ୍ତର କରିବା, ଚାଲୁଥିବା କାର୍ଯ୍ୟକଳାପକୁ ବନ୍ଦ କରିବା ଏବଂ ପ୍ରଯୁକ୍ତିବିଦ୍ୟାରେ ପରିବର୍ତ୍ତନର ପ୍ରବର୍ତ୍ତନ ଅନ୍ତର୍ଭୁକ୍ତ; କିମ୍ବା

(2) ଅର୍ଥ ମନ୍ତ୍ରଣାଳୟର କର୍ମଚାରୀ ନିରୀକ୍ଷଣ ୟୁନିଟ୍ କିମ୍ବା କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥାପିତ ଅନ୍ୟ କୌଣସି ସଂସ୍ଥା କିମ୍ବା ସମ୍ପୃକ୍ତ ମନ୍ତ୍ରଣାଳୟ/ବିଭାଗ ଦ୍ୱାରା କରାଯାଇଥିବା କାର୍ଯ୍ୟ ପରିମାପର ଅଧ୍ୟୟନ; କିମ୍ବା

(3) କେନ୍ଦ୍ର ସରକାରଙ୍କ କୌଣସି ସଙ୍ଗଠନକୁ ସମ୍ପୂର୍ଣ୍ଣ ଭାବେ କିମ୍ବା ଆଂଶିକ ଭାବେ ଉଚ୍ଛେଦ କରିବା କିମ୍ବା ସମାପ୍ତ କରିବା,

ନିୟମ 9 ରେ କୁହାଯାଇଛି ଯେ ବଳକା କର୍ମଚାରୀଙ୍କ ବରିଷ୍ଠତା ଏବଂ ଦରମା ସ୍ଥିର କରିବା ଏବଂ ନିୟମାବଳୀ ଅନୁଯାୟୀ ପୁନଃନିଯୁକ୍ତି ଉପରେ ତାଙ୍କୁ ନିଯୁକ୍ତ କରାଯାଇଥିବା ନୂତନ ପଦରେ ଅନ୍ୟାନ୍ୟ ଉଦ୍ଦେଶ୍ୟରେ ତାଙ୍କର ପୂର୍ବ ସେବା ଗଣନା ଭାରତ ସରକାରଙ୍କ ଦ୍ୱାରା ସମୟ ସମୟରେ ଜାରି କରାଯାଇଥିବା ନିର୍ଦ୍ଦେଶାନୁଯାୟୀ ନିୟନ୍ତ୍ରିତ ହେବ । ନିୟମ 9 ର ବ୍ୟବସ୍ଥାଗୁଡ଼ିକ ନିମ୍ନରେ ସବିସ୍ତାରରେ ଉଲ୍ଲେଖ କରାଯାଇଛି:

୨. ବେତନ ତଥା ବରିଷ୍ଠତାର ନିର୍ଦ୍ଧାରଣ, ଅନ୍ୟାନ୍ୟ ବିଭିନ୍ନ ଉଦ୍ଦେଶ୍ୟରେ ପୂର୍ବବର୍ତ୍ତୀ ସେବାର ଗଣନା ଏବଂ ଧାରଣାଧିକାର/ବର୍ଗୀକରଣ - ବଳକା କର୍ମଚାରୀଙ୍କ ବରିଷ୍ଠତା ଏବଂ ବେତନ ନିର୍ଦ୍ଧାରଣ ଏବଂ ଅନ୍ୟାନ୍ୟ ବିଭିନ୍ନ ଉଦ୍ଦେଶ୍ୟରେ ତାଙ୍କର ପୂର୍ବ ସେବା ଗଣନା ଏବଂ ଏହି ନିୟମାବଳୀ ଅନୁଯାୟୀ ପୁନଃନିଯୁକ୍ତି ଉପରେ ତାଙ୍କୁ ନିଯୁକ୍ତ କରାଯାଇଥିବା ନୂତନ ପଦରେ ଧାରଣାଧିକାର / ବର୍ଗୀକରଣ ପରିଚାଳନା ଏହିସବୁ ଉପଲକ୍ଷେ ଭାରତ ସରକାରଙ୍କ ଦ୍ୱାରା ସମୟ ସମୟରେ ଜାରି କରାଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ନିୟନ୍ତ୍ରିତ ହେବ ।

ନିୟମାବଳୀର ନିୟମ ୨ ଅଧୀନସ୍ଥ କ୍ଷମତା ପ୍ରୟୋଗ କରି, ଭାରତ ସରକାର ସଂଶୋଧିତ ଯୋଜନା ଜାରି କରିଛନ୍ତି, ଯେଉଁଥିରେ ନିୟମାନୁଯାୟୀ ପୁନଃନିଯୁକ୍ତ ହେବା ପରେ ବଳକା କର୍ମଚାରୀଙ୍କୁ ସେମାନଙ୍କ ପୂର୍ବ ସେବାର ଲାଭ କିପରି ଏବଂ କେତେ ପରିମାଣରେ ଦିଆଯାଇପାରିବ ତାହା ସୂଚିତ କରାଯାଇଛି । ସଂଶୋଧିତ ଯୋଜନାର ପାରା 11 ରେ ପୁନଃନିଯୁକ୍ତି ପରେ ଅତୀତର ସେବାର ଲାଭ ବିଷୟରେ ଆଲୋଚନା କରାଯାଇଛି । ପାରା 11.1 ରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ ପୁନଃନିଯୁକ୍ତି ପୂର୍ବରୁ ପ୍ରଦାନ କରାଯାଇଥିବା ଅତୀତର ସେବାକୁ ନୂତନ ସଙ୍ଗଠନରେ ବରିଷ୍ଠତା ପାଇଁ ଗଣନା କରାଯିବା ଉଚିତ ନୁହେଁ । ପାରା 11.1 ନିମ୍ନରେ ସବିସ୍ତାରରେ ଉଦ୍ଧୃତ କରାଯାଇଛି:

> 11.1 ବର୍ତ୍ତମାନର ନୀତିରେ କୌଣସି ପରିବର୍ତ୍ତନ ବିଚାର କରାଯାଇନାହିଁ ଯେ ପୁନଃନିଯୁକ୍ତି ପୂର୍ବରୁ ପ୍ରଦାନ କରାଯାଇଥିବା ପୂର୍ବ ସେବା ନୂତନ ସଂଗଠନ/ ନୂତନ ପଦରେ ବରିଷ୍ଠତା ପାଇଁ ଗଣନା କରାଯିବା ଉଚିତ୍ ନୁହେଁ ଯେଉଁଠାରେ ଜଣେ ବଳକା କର୍ମଚାରୀ ପୁନଃନିଯୁକ୍ତି ପରେ ଯୋଗ ଦିଅନ୍ତି । ପୁନଃନିଯୁକ୍ତି ପରେ ପୁନଃବ୍ୟବସ୍ଥାପିତ ହୋଇଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ମଧ୍ୟ ସମାନ ନିୟମ ଲାଗୁ କରିବାକୁ ପଡ଼ିବ ।

ନିୟମାବଳୀରେ ଥିବା ବ୍ୟବସ୍ଥା ଦ୍ୱାରା ପରିଚାଳିତ ହେଉଥିବା ନିୟମାବଳୀ ଅନୁଯାୟୀ ପୁନଃନିଯୁକ୍ତ କର୍ମଚାରୀଙ୍କ ସେବା ସର୍ତ୍ତାବଳୀ ତଥା ସମୟ ସମୟରେ ଭାରତ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଏବଂ-ଉପରୋକ୍ତ ନିର୍ଦ୍ଦେଶାବଳୀର ପାରା 11.1 ରେ ସୁସ୍ପଷ୍ଟ ଅସନ୍ଦିଗ୍ଧ ଭାଷାକୁ ଦୃଷ୍ଟିରେ ରଖି ଏହି ଉପସଂହାର ଅପରିହାର୍ଯ୍ୟ ଯେ ପୁନଃନିଯୁକ୍ତ କର୍ମଚାରୀଙ୍କ ଅତୀତ ସେବାକୁ ନୂତନ ସଂଗଠନରେ ବରିଷ୍ଠତା ପାଇଁ ଗଣନା କରାଯାଇପାରିବ ନାହିଁ । ତେଣୁ ନ୍ୟାୟାଧିକରଣ ନିର୍ଦ୍ଦେଶ ଦେବାରେ ଗୁରୁତର ତ୍ରୁଟି କରିଥିଲା ଯେ ଆକାଶବାଣୀରେ କର୍ମଚାରୀଙ୍କ ବରିଷ୍ଠତା ପାଇଁ ଅତୀତ ସେବାକୁ ଗଣନା କରାଯିବ ।

ବର୍ତ୍ତମାନ ଏହି ପ୍ରଶ୍ନକୁ ଆସିବା ଯେ ଉକ୍ତ ଅତୀତର ସେବାକୁ ପଦୋନ୍ନତି ପାଇଁ ଅଭିଜ୍ଞତା ଭାବରେ ଗଣନା କରାଯାଇପାରିବ କି, ଏହା ଦେଖାଯାଏ ଯେ ଆକାଶବାଣୀରେ ବିଭିନ୍ନ ପଦ ପାଇଁ ନିଯୁକ୍ତି ନିୟମାବଳୀ ଅନୁଯାୟୀ ଆକାଶବାଣୀ (ଶ୍ରେଣୀ III ପଦ) ନିଯୁକ୍ତି ନିୟମାବଳୀ, 1964 (ଏହା ପରେ ନିଯୁକ୍ତି ନିୟମାବଳୀ ଭାବରେ ସୂଚିତ ହୋଇଛି) ସମୟକୁ ସମୟ ସଂଶୋଧିତ ଭାବରେ ମୁଖ୍ୟ କିରାଣୀ ପଦ ପାଇଁ ବିଭାଗୀୟ ଯୋଗ୍ୟତା ପରୀକ୍ଷା ଆଧାରରେ ପଦକ୍ରମରେ ସର୍ବନିମ୍ନ ପାଞ୍ଚ ବର୍ଷର ସେବା ସହିତ କିରାଣୀ ପଦକ୍ରମ II / କିରାଣୀ ପଦକ୍ରମ I / କ୍ଷିପ୍ର ଲେଖକଙ୍କ ମଧ୍ୟରୁ

50 ପ୍ରତିଶତ ପର୍ଯ୍ୟନ୍ତ ପଦୋନ୍ନତି ଦ୍ୱାରା ପୂରଣ କରାଯାଏ ଏବଂ ପଦୋନ୍ନତି ପାଇଁ ମାନଦଣ୍ଡ ହେଉଛି ବରିଷ୍ଠତା-ତଥା-ଉପଯୁକ୍ତତା । ଏହି ପରିପ୍ରେକ୍ଷୀରେ, ଯେହେତୁ ପୁନଃନିଯୁକ୍ତ ବଳକା କର୍ମଚାରୀଙ୍କ ଅତୀତର ସେବାକୁ ନୂତନ ସଂଗଠନରେ ତାଙ୍କର ବରିଷ୍ଠତା ପାଇଁ ଗଣନା କରାଯାଇପାରିବ ନାହିଁ, ସେହିପରି ଅତୀତର ଅଭିଜ୍ଞତାକୁ ମଧ୍ୟ ଗଣନା କରାଯିବ ନାହିଁ କାରଣ ପ୍ରଦାନ କରାଯାଇଥିବା ତଥାକଥିତ ଅତୀତର ସେବା ଶ୍ରେଣୀରେ ସେବାସ୍ୱରୂପ ହେବ ନାହିଁ । ସେହିଭଳି କିରାଣୀ ପଦକ୍ରମ I କୁ ପଦୋନ୍ନତି ପାଇଁ, ଯାହା କିରାଣୀ ପଦକ୍ରମ II ରୁ ବରିଷ୍ଠତା ତଥା ଉପଯୁକ୍ତତା ଆଧାରରେ କରାଯାଏ, ପଦୋନ୍ନତି ପାଇଁ ବିଚାର କରାଯିବା ପାଇଁ ପଦକ୍ରମରେ ପାଞ୍ଚ ବର୍ଷର ସେବା ଆବଶ୍ୟକ । ତେଣୁ ଜଣେ କର୍ମଚାରୀଙ୍କ ପଦୋନ୍ନତି ପାଇଁ ଯୋଗ୍ୟ ହେବା ପାଇଁ ଆଦେଶାନୁଯାୟୀ ପୁନଃନିଯୁକ୍ତ ହେବା ପରେ ଆକାଶବାଣୀର କିରାଣୀ ପଦକ୍ରମ II ରେ ପାଞ୍ଚ ବର୍ଷର ଅଭିଜ୍ଞତା ରହିବା ଆବଶ୍ୟକ । ତେଣୁ ନ୍ୟାୟାଧିକରଣ ଏହି ନିର୍ଦ୍ଦେଶ ଦେବାରେ ସମ୍ପୂର୍ଣ୍ଣ ତ୍ରୁଟି କରିଥିଲେ ଯେ କର୍ମଚାରୀଙ୍କ ଅତୀତର ସେବାକୁ ଆକାଶବାଣୀରେ ପଦୋନ୍ନତି ପାଇଁ ବରିଷ୍ଠତା ଏବଂ ଅଭିଜ୍ଞତାର ଲାଭ ପ୍ରଦାନ କରିବା ପାଇଁ ଗଣନା କରାଯିବା ଉଚିତ । ଉପରୋକ୍ତ ପରିସରରେ, ମୂଳ ଆବେଦନ ସଂଖ୍ୟା 160,161 ଏବଂ 163 / 1993 ରେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ, କଟକ ବିଚାରପୀଠଙ୍କର ଆକ୍ଷେପିତ ଆଦେଶକୁ ରଦ୍ଦ କରିଦିଆଯାଇଛି ଏବଂ ଉକ୍ତ ଓ. ଏ. ଗୁଡ଼ିକୁ ଖାରଜ କରିଦିଆଯାଇଛି ଏବଂ ଏହି ଆବେଦନଗୁଡ଼ିକୁ ଅନୁମତି ଦିଆଯାଇଛି କିନ୍ତୁ ସ୍ଥଳବିଶେଷରେ ଖର୍ଚ୍ଚ ଉପରେ ଆଦେଶ ରହିବ ନାହିଁ ।

ଏସ.ଭି.କେ.ଆଇ. ଆବେଦନକୁ ଅନୁମତି ଦିଆଯାଇଛି ।

## ଅସ୍ୱୀକରଣ

**"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"**

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**